# NATIONAL NEWS BULLETIN (ODIA)
## 18 October - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାଲାଦ୍ୱିପ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ୪ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ୨୨ ତାରିଖରୁ ରୁଷ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆସାମରେ ୫ଟି ଓ ବିହାରରେ ୪ଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ଆଜି ପ୍ରକାଶ ପାଇଲା ବିଜ୍ଞପ୍ତି ।
- ଭୁଟାନ୍‌ରେ ଜଳବିଦ୍ୟୁତର ବିକାଶ ଦିଗରେ ଭାରତର ପ୍ରତିଶ୍ରୁତି ବଦ୍ଧତା ଦୋହରାଇଲେ ଶକ୍ତିମନ୍ତ୍ରୀ ମନୋହର ଲାଲ ।

ଏବଂ

- ବେଙ୍ଗାଲୁରୁରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଆଜି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ୱିକେଟ୍ ହରାଇ କରିଛି ୨୩୧ ରନ୍ ।

## ରାଷ୍ଟ୍ରପତି-ମାଲାୱି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କର ମାଲାୱି ପ୍ରତିପକ୍ଷ ଲାଜାରସ୍ ଚାକ୍ୱେରାଙ୍କ ସହିତ ଦ୍ୱିପକ୍ଷିୟ ବୈଠକରେ ଯୋଗଦେଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ରାଷ୍ଟ୍ରପତି ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରତିନିଧି ସ୍ତରୀୟ ବୈଠକରେ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ଭାରତ ଏବଂ ମାଲାୱି ମଧ୍ୟରେ କଳା ଓ ସଂସ୍କୃତି, କ୍ରୀଡ଼ା, ଯୁବ ବ୍ୟାପାର ଏବଂ ଔଷଧ ଆଦି କ୍ଷେତ୍ରରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଛଡ଼ା ଭାରତ' ମାଲାୱିକୁ ୧ହଜାର ମେଟ୍ରିକ୍ ଟନ୍ ଧାନ ଯୋଗାଇ ଦେବ ବୋଲି ଘୋଷଣା କରିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମାଲାୱି ସ୍ଥିତି ଜାତୀୟ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରିଛନ୍ତି ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ୨୨ ତାରିଖରୁ ଦୁଇ ଦିନ ଲାଗି ରୁଷ ଗସ୍ତ କରିବେ । କାଜାନ୍ ଠାରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଷୋଡ଼ଶ ବ୍ରିକ୍ସ ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" ।

ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହି ଗସ୍ତ ଅବସରରେ ସେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ବୈଠକରେ ଯୋଗଦେବାର ସମ୍ଭାବନା ରହିଛି ।

## ପ୍ରଧାନମନ୍ତ୍ରୀ

ସମାଧାନ କୈନ୍ଦ୍ରିକ ସୁ-ଶାସନ ଆଜି ଏନ୍.ଡି.ଏ. ସରକାରଙ୍କ ପରିଚୟ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ଚଣ୍ଡିଗଡ଼ ଠାରେ ଏନ୍.ଡି.ଏ. ନେତୃବୃନ୍ଦଙ୍କ ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଅଭିଯୋଗର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିବା ଯୋଗୁଁ ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକ ସଫଳତାର ସହ

ଜନସାଧାରଣଙ୍କୁ ସୁ-ଶାସନ ଦେଇପାରିଛନ୍ତି । ସୁ-ଶାସନ, ତ୍ୱରିତ ନିଷ୍ପତ୍ତି ନେବାର ପ୍ରକ୍ରିୟା ଏବଂ ଶାସନରେ ସ୍ୱଚ୍ଛତା ଯୋଗୁଁ ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକରେ ପୁଞ୍ଜିନିବେଶ କରିବା ଲାଗି ଅଧିକରୁ ଅଧିକ ନିବେଶକ ଆକୃଷ୍ଟ ହେଉଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏନ୍.ଡି.ଏ. ସରକାର ସାଧାରଣ ନାଗରିକଙ୍କର ଆକାଂକ୍ଷାକୁ ପୂର୍ଣ୍ଣ କରିବାରେ ସଫଳ ହୋଇଛନ୍ତି । ଏହାଛଡ଼ା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ଶେଷ ଧାଡ଼ିର ବ୍ୟକ୍ତିଙ୍କ ନିକଟରେ ଯେଉଁଳି ସଫଳତାର ସହ ପହଞ୍ଚି ପାରିବ ସେ ଦିଗରେ ଏନ୍.ଡି.ଏ. ସରକାର ସର୍ବଦା ପ୍ରୟାସ ଜାରି ରଖିଛନ୍ତି । ଏଥିଲାଗି ଗତ ୧୦ ବର୍ଷ ମଧ୍ୟରେ ଏନ୍.ଡି.ଏ. ସରକାରଙ୍କ ପ୍ରତି ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ ହୋଇଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ।

ଏହି ବୈଠକରେ କେତୋଟି ପ୍ରସ୍ତାବ ପାରିତ ହୋଇଛି । ଭାରତର ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ 'ସମ୍ବିଧାନ୍-କା ଅମୃତ ମହୋତ୍ସବ' ପାଳନ ଏବଂ ୨୦୨୫ ମସିହାକୁ ଗଣତନ୍ତ୍ର ହତ୍ୟାର ୫୦ ବର୍ଷ ପୂର୍ତ୍ତି ପାଳନ ଲାଗି ଦୁଇଟି ପୃଥକ ପ୍ରସ୍ତାବ ଏହି ବୈଠକରେ ପାରିତ ହୋଇଛି । ସେହିଭଳି ଭଗବାନ ବିର୍ଷା ମୁଣ୍ଡା ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ତମ ଜନ୍ମ ବାର୍ଷିକୀ ସହିତ ଆଗାମୀ ବର୍ଷ ଅଟଳ

ବିହାରୀ ବାଜପେୟୀଙ୍କର ଜନ୍ମ ଶତବାର୍ଷିକୀ ପାଳନ ସମ୍ପର୍କିତ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିବା ଜଣାଯାଇଛି ।

## ବିହାର-ଉପନିର୍ବାଚନ

ବିହାରରେ ଚାରୋଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିସହିତ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟର ଗୟା, କାଇମୁର୍ ଏବଂ ଭୋଜପୁର ଜିଲ୍ଲା ଅନ୍ତର୍ଗତ ଇମାମ୍‌ଗଞ୍ଜ, ବେଲ୍‌ଗଞ୍ଜ, ରାମଗଡ଼ ଓ ତରାଇ ବିଧାନସଭା ଆସନ ଲାଗି ଆସନ୍ତାମାସ ୧୩ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବ । ଏଥିଲାଗି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯାଇପାରିବ । ୩୦ ତାରିଖ ଦିନ ଏହି ମନୋନୟନପତ୍ର ଗୁଡ଼ିକର ଯାଞ୍ଚ୍ କରାଯିବ । ନଭେମ୍ବର ୨୩ ତାରିଖ ଦିନ ଭୋଟ୍ ଗଣତି ହେବ ବୋଲି ସୂଚନା ଦିଆଯାଇଛି । ଏହି ଚାରୋଟି ବିଧାନସଭା ଆସନଗୁଡ଼ିକରେ ବିଜୟୀ ହୋଇଥିବା ବିଧାୟକ ଜିତନରାମ ମାଝି, ସୁରେନ୍ଦ୍ର ପ୍ରସାଦ ଯାଦବ, ସୁଧାକର ସିଂହ ଏବଂ ସୁଦାମ ପ୍ରସାଦ ଗତ ସାଧାରଣ ନିର୍ବାଚନରେ ବିଜୟୀ ହୋଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ।

## ଆସାମ-ଉପନିର୍ବାଚନ

ଆସାମରେ ମଧ୍ଯ ୫ଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିସହିତ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ଗୌହାଟି ଠାରେ ଗଣମାଧମକୁ ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଗୋୟଲ୍ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ଅନୁଯାୟୀ ନିର୍ବାଚନ ଅନୁଷ୍ଠିତ ହେବ । ଏହି ଉପନିର୍ବାଚନରେ ୯ ଲକ୍ଷରୁ ଉର୍ଦ୍ଧ୍ୱ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି ।

## ଭାରତ-ଭୁଟାନ୍

ଭୁଟାନର ଶକ୍ତି ଏବଂ ପ୍ରାକୃତିକ ସମ୍ବଳ ମନ୍ତ୍ରୀ ଲିଓନ୍‌ପୋ ଜେମ୍ ସେରିଂ ଆଜି ନୂଆଦିଲ୍ଲୀ ଠାରେ ଶକ୍ତିମନ୍ତ୍ରୀ ମନୋହର ଲାଲଙ୍କୁ ଭେଟିଛନ୍ତି । ଉଭୟ ନେତା ଦୁଇ ଦେଶ ମଧ୍ୟରେ ଜଳବିଦ୍ୟୁତ୍ କ୍ଷେତ୍ରରେ ବହୁ ଦିନରୁ ରହି ଆସିଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିଛନ୍ତି । ଏହି ଅବସରରେ ଭୁଟାନ୍‌ରେ ଜଳବିଦ୍ୟୁତ୍‌ର ବିକାଶ ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ଶକ୍ତି ମନ୍ତ୍ରୀ ଶ୍ରୀ ଲାଲ ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ ଆପୋଷ ସ୍ୱାର୍ଥ ଜଡ଼ିତ ଏଭଳି ପ୍ରକଳ୍ପ ଗୁଡ଼ିକର

କାର୍ଯ୍ୟକାରିତା ଦିଗରେ ଭୁଟାନ୍‌କୁ ଭାରତ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ସେ କହିଛନ୍ତି । ସେହିଭଳି ନିରନ୍ତର ଶକ୍ତି ସହଯୋଗ ମାଧ୍ୟମରେ ଆଞ୍ଚଳିକ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ମଧ୍ୟ ଉଭୟ ନେତା ନିଜର ମତବିନିମୟ କରିଛନ୍ତି ।

## ଭାରତ-ସହାୟତା

ଭାରତ ଆଜି  ପପୁଆ ନ୍ୟୁ ଗୁନିଆକୁ ୧୨ଟି ହେମୋ ଡାୟାଲିସିସ୍ ମେସିନ୍ ପଠାଇଛି । ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହି ମେସିନ୍ ଗୁଡ଼ିକୁ ଆଜି ଗୁଜରାଟର ପିପାଭା ବନ୍ଦରରୁ ପପୁଆ ନ୍ୟୁ ଗୁନିଆର ମୋର୍ସବାୟ ବନ୍ଦରକୁ ପଠାଯାଇଛି । ଏହାଦ୍ୱାରା ଭାରତ-ପ୍ରଶାନ୍ତ ମହାସାଗର ଦ୍ୱିପାଞ୍ଚଳ ସହଯୋଗ ଫୋରମ୍‌ରେ ଭାରତ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇପାରିଛି । ଏହି ସହାୟତା ପପୁଆ ନ୍ୟୁ ଗୁନିଆର ସ୍ୱାସ୍ଥ୍ୟ ସେବାକୁ ଅଧିକ ସଶକ୍ତ କରିବ । ଏତଦ୍‌ବ୍ୟତୀତ ଭାରତ ଲେବାନନ୍‌କୁ ମଧ୍ୟ ମାନବୀୟ ସହାୟତା ଆକାରରେ ୩୩ ଟନ୍ ବିଭିନ୍ନ ଔଷଧୀୟ ସାମଗ୍ରୀ ପଠାଇବ । ଏହାର

ଅଂଶସ୍ୱରୂପ ଆଜି ପ୍ରଥମ ପର୍ଯ୍ୟାୟରେ ୧୧ଟନ୍ ଔଷଧୀୟ ସମାଗ୍ରୀ ସେଠାକୁ ପଠାଯାଇଛି ବୋଲି ଶ୍ରୀ ଜୟଶ୍ୱାଲ ଉଲ୍ଲେଖ କରିଛନ୍ତି ।

## ଜାମ୍ମୁ କାଶ୍ମୀର-ସନ୍ଦିଗ୍ଧ ଆତଙ୍କବାଦୀ

ଜାମ୍ମୁ କାଶ୍ମୀରର ପୁଞ୍ଚ ଜିଲ୍ଲା ଅନ୍ତର୍ଗତ ସୁରାନ୍‌କୋଟେ ସେକ୍ଟରର ଦୁନ୍ଦାକ ଅଞ୍ଚଳରୁ ସୁରକ୍ଷା ବାହିନୀ ଆଜି ଏକ ସନ୍ଦିଗ୍ଧ ଆତଙ୍କବାଦୀକୁ ଗିରଫ୍ କରିଛି । ଏହି ସନ୍ଦିଗ୍ଧ ବ୍ୟକ୍ତି ନିକଟରୁ ୪ଟି ଗ୍ରେନେଡ୍ ସମେତ ଅନ୍ୟ କେତେକ ମାରଣାସ୍ତ୍ର ଜବତ କରାଯାଇଛି । ନିକଟରେ ପୁଞ୍ଚ ଓ ସୁରାନକୋଟେ ସହରରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ଏହି ସନ୍ଦିଗ୍ଧ ବ୍ୟକ୍ତିର ସମ୍ପୃକ୍ତି ଥିବା ବିଷୟ ପୁଞ୍ଚ ପୋଲିସ୍ ସନ୍ଦେହ କରୁଛି । ଏଥିସହିତ ଦୁନ୍ଦାକ ସଂଲଗ୍ନ ଅଞ୍ଚଳକୁ ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର ଖାନ୍‌ତଲାସି କରାଯାଉଥିବା ଜଣାଯାଇଛି ।

## ଉତ୍ତରାଖଣ୍ଡ-ୟୁସିସି

ଉତ୍ତରାଖଣ୍ଡରେ ଏକକ ନାଗରିକ ସଂହିତା ସମ୍ପର୍କିତ ନିୟମ କାର୍ଯ୍ୟକାରି କରିବା ଉଦ୍ଦେଶ୍ୟରେ ଗଠିତ କମିଟି ଆଜି ତାର ଚିଠା ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କୁ ପ୍ରଦାନ କରିଛି । ରାଜ୍ୟର ପୂର୍ବତନ

ଶାସନ ସଚିବ ଶତ୍ରୁଘ୍ନ ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଦାଖଲ କରିଥିବା ଚିଠା ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିବା ପରେ ଏହି ନିୟମ ତୁରନ୍ତ ରାଜ୍ୟରେ କାର୍ଯ୍ୟକାରି କରାଯିବ । ଏହି ନିୟମ ନାଗରିକଙ୍କ ମଧ୍ୟରେ ସମାନତା ବଜାୟ ରଖିବା ଦିଗରେ ସହାୟକ ହେବ ବୋଲି ଶ୍ରୀ ଧାମି କହିଛନ୍ତି ।

# କ୍ରିକେଟ୍

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଆଜି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ୱିକେଟ୍ ହରାଇ ୨୩୧ରନ୍ କରିଛି । ଦଳ ପକ୍ଷରୁ ବୀରାଟ କୋହଲି ଏବଂ ସରଫରାଜ ଖାଁ ୭୦ରନ୍ ଲେଖାଏଁ କରିଥିବା ବେଳେ ରୋହିତ ଶର୍ମା ୫୨ରନ୍ ସଂଗ୍ରହ କରିଛନ୍ତି । ନ୍ୟୁଜିଲାଣ୍ଡ ପକ୍ଷରୁ ଅଜେଜ୍ ପଟେଲ୍ ୨ଟି ଓ ଗ୍ଲେନ୍ ଫିଲିପ୍ସ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି । ଭାରତର ପ୍ରଥମ ଇନିଂସର ସ୍କୋର ୪୬ରନ୍‌ର ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୦୨ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ରଚିନ୍ ୧୩୪ରନ୍ କରିଥିବା ବେଳେ କନ୍‌ୱେ ୯୧ ଏବଂ ଟିମ୍ ସାଉଥି ୬୫ରନ୍ ସଂଗ୍ରହ କରିଥିଲେ ।

ଭାରତ ପକ୍ଷରୁ ସ୍ପିନର୍ କୁଲଦୀପ ଓ ଜାଡ଼େଜା ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଭାରତ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଠାରୁ ୧୨୫ରନ୍ ପଛରେ ରହିଛି । ଭାରତ ବର୍ତ୍ତମାନ ବିଶ୍ୱ ଟେଷ୍ଟ ଚାମ୍ପିୟାନ୍‌ସିପ୍ ତାଲିକାରେ ସର୍ବାଗ୍ରେ ଥିବାବେଳେ ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହିଛି ।

## ବୀରାଟ କୋହଲି

ବୀରାଟ କୋହଲି ୪ର୍ଥ ଭାରତୀୟ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟ୍‌ରେ ୯ ହଜାର ରନ୍ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ବ୍ୟାଟିଂ କରିବା ସମୟରେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ପୂର୍ବରୁ ଭାରତ ପକ୍ଷରୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍ ଏବଂ ସୁନୀଲ ଗାଭାସ୍କର ଏହି ମାଲ୍‌ଖୁଣ୍ଟ ଅତିକ୍ରମ କରିସାରିଛନ୍ତି ।

## ପାଣିପାଗ

ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଆଗାମୀ ୨୩ ଓ ୨୪ ତାରିଖରେ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ

ପୂର୍ବାନୁମାନ କରିଛି । ସେହିଭଳି ଆଗାମୀ ତିନିରୁ ୪ ଦିନ ମଧ୍ୟରେ ସମାନଧରଣର ବର୍ଷା ତାମିଲନାଡୁ, ପୁଡୁଚେରୀ, କାରାଇକାଲ ଓ କର୍ଣ୍ଣାଟକର କେତେକ ସ୍ଥାନରେ ହେବାର ସମ୍ଭାବନା ରହିଛି । ଏହାଚଡ଼ା ଆଗାମୀ ରବିବାର ଓ ସୋମବାର ଦୁଇଦିନ ଧରି ଆଣ୍ଡାମାନ୍ ଓ ନିକୋବର ଦ୍ୱିପପୁଞ୍ଜରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଅନ୍ୟ ପକ୍ଷରେ ଦେଶର ଉତ୍ତର-ପଶ୍ଚିମ ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ସେଭଳି ଉଲ୍ଲେଖନୀୟ ପରିମାଣର ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ କହିଛି ।